# ୧୯୭୫

କବି ରଘୁନାଥ ଦାସ

ଯାଦୁଗରୀ ମୁଁ ମଞ୍ଜୁଷା-

ସମବେତ ସଭାଜନେ,

ଏଇ ଶୁଣ ମୋର ଆତ୍ମକଥା;

ଐନ୍ଦ୍ରଜାଲିକ ଏ ବିଦ୍ୟା;

ଅବିଦ୍ୟାରେ ପଣ୍ଡିତା ମୁଁ;

ଅଳୀକ ମୁକୁଟ ଝଟକେ ମୋ ମଥା;

ଦେଖି ମୋ ହଟଚମଟ

ଆଉ ଚକ୍ଷୁବନ୍ଧନର ଖେଳ

ମନେ ତୁମ ଜାଗିପାରେ

ପିଲାଦିନେ ଶୁଣିଥିବା କେଉ ରୂପକଥା

କଳ୍ପନାରପୁରୀରେ

ଥିଲା ଯେ ଏକ ରାଜକୁମାରୀ,

ହାତେ ତାର କୁହୁକ କାଉଁରୀ

ହଲିଗଲେ କପୋତୀ ପାଲଟେ ଅଣ୍ଡା,

(ଆଉ) ଯୁବାଜନ ବନିଯାନ୍ତି ଗୋଟିପରି ମେଣ୍ଢା ।

ଏଇ ଦେଖ

www.jatayu.org

# ୧୯୭୫

କବି ରଘୁନାଥ ଦାସ

ମୋ ହାତ ସଫେଇ;

ଆଖି ଥାଉ ଥାଉ

କିଭଳି ମୁଁ ତୁମକୁ ଅନ୍ଧ ବନାଇ

ମୋ ଖେଳ ଦେଖାଇ ଚାଲେ;

କା ଗଳାରେ ଲଗାଇ ରସି

କାହାକୁ ମଣ୍ଡାଇ ପୁଣି ଫୁଲମାଳେ

(ପ୍ରତାରିତ ଜନତାର ଘନ ଘନ କରତାଳି ତାଳେ ତାଳେ)

କାଳେ କାଳେ

ଏଭଳି ଜକକା ହୋଇ ତୁମେମାନେ

ରହିଛ ଅନାଇ;

ଏଇ ଦେଖ ମୋ ହାତ ସଫେଇ ।

ତୁମେ ସବୁ ରହିଛ ଅନାଇ;

ଏଇ ଦେଖ ମୋ ହାତସଫେଇ ।

ତୁମେ ସବୁ ଶୋଇଯାଅ-

ମୁଁ ଜାଗିଛି ମୁଁ ଜାଗିଛି ଦିବାନିଶି

କେବଳ ତୁମ ସଭିଙ୍କୁ ନିରାପଦ ରଖିବା ଦାୟରେ ।

www.jatayu.org

ତୁମେମାନେ ରହ ବେପରବାୟରେ ।

ଏବେ ଆଉ ତୁମେ ଚିନ୍ତା କର ନାହିଁ;
ମୁଁ ଭାବୁଛି ତୁମ ଲାଗି,
ତୁମ ଇହକାଳ ଆଉ
ପରକାଳ ପାଇଁ ।
ତୁମେ ଚିନ୍ତା କର ନାହିଁ ।
ଚୁପ୍ ରହ ତୁମେମାନେ,
ମୁଁ ଯା କହୁଛି
ଖାଲି ଶୁଣିଯାଅ କାନେ
ଏକ ଧ୍ୟାନେ ।
ଚୁପ୍ ରହ ତୁମେମାନେ,
ତୁମର ଯା' କିଛି ଅଛି
ସବୁଟା ମୋ ଠାରେ ସମର୍ପଣ କର ।
ମୁଁ ତୁମ ଯୁଗ ଯୁଗ କଳ୍ପନାକୁ
ବାସ୍ତବ କରିବି;
ଘିଅ ଓ ମହୁର ବନ୍ୟା

www.jatayu.org

# ୧୯୭୫



ବୁହାଇବି କାଙ୍ଗାଳ ଗଳିରେ;

ଆସ୍ଥା ରଖ, ଆସ୍ଥାରଖ

ମୋର ଇନ୍ଦ୍ରଜାଲେ ।

www.jataayu.org